



ରାୟଗଡ଼ାସ୍ଥିତ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ କୂର୍ମ ଅବତାରରେ ଦର୍ଶନ ଦେଉଛନ୍ତି। ଗୁଣପୁର ସାନ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ କଚ୍ଛପ ଅବତାର ବେଶ। ବିଷମକଟକରେ ମହାବାହୁଙ୍କ ବରାହ ଅବତାର ବେଶ।

# ୩୩୭ ଆବାସିକ ବିଦ୍ୟାଳୟରେ ହେବ ଜନଜାତି ସଂସ୍କୃତି ଶିକ୍ଷା

## ରାୟଗଡ଼ାରୁ ବାଲା କାର୍ଯ୍ୟକ୍ରମ ଶୁଭାରମ୍ଭ

**ରାୟଗଡ଼ା,୯।୭(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଆରମ୍ଭ ହେଲା ବିଲ୍ଡିଂ ଏଜ୍ ଲର୍ନିଂ ଏଡ୍ସ (ବାଲା) କାର୍ଯ୍ୟକ୍ରମ । । ଅର୍ଥାତ୍ ଶ୍ରେଣୀ କୋଠା ହେବ ଶିକ୍ଷଣ ସାମଗ୍ରୀ। ପ୍ରାଥମିକ ପିଲାମାନେ ଶ୍ରେଣୀ କକ୍ଷରେ ଅଭିନବ ଢଙ୍ଗରେ ଶିଖିବେ ପାଠ। ରାୟଗଡ଼ା ସମେତ ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଆଦି ଓଡ଼ିଶାର ୫ ଆଦିବାସୀ ଅଧ୍ୟୁଷିତ ଜିଲାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପରିଚାଳିତ ୩୩୭ ଆବାସିକ ବିଦ୍ୟାଳୟରେ ଏହି ଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହାର ଭିତ୍ତି ଚିତ୍ର ପ୍ରସ୍ତୁତ ପାଇଁ ବିଭାଗ ଦ୍ୱାରା ଅନୁବନ୍ଧିତ ମନ୍ତ୍ର ଓ ଶିକ୍ଷାର୍ଥର ମିଳିତ ସହଯୋଗରେ ପିତାମହଲ ଆଶ୍ରମ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଚିତ୍ରକର ଓ ବିଶେଷଜ୍ଞଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳକୁ ରାୟଗଡା ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ବାଲା କାର୍ଯ୍ୟକ୍ରମ ଦ୍ୱାରା ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ଗଣିତ, ଭାଷା ଓ ପରିବେଶ ବିଷୟରେ ଶିକ୍ଷଣ ଅଧିକ ସହଜ, ସରଳ ଓ ସୁଗମ ହେବ ବୋଲି ବିଶ୍ୱାଳ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ ଯୋଗଦେଇ ଜନଜାତି ପିଲାମାନେ ଖେଳ ଓ ଆନନ୍ଦମୟ ଶିକ୍ଷଣକ୍ରମରେ ନିଜର ଶ୍ରେଣୀଭିତ୍ତିକ ଦକ୍ଷତାକୁ ସହଜରେ ଆୟତ୍ତ କରିବେ ବୋଲି କହିଥିଲେ । ଶିକ୍ଷାର୍ଥ ପକ୍ଷରୁ ଭାବେ ମୋହିତ ଦେବ ଯୋଗଦେଇ ବାଲା କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ବିଶେଷଜ୍ଞ ଭାବେ ଶିକ୍ଷକ ତଥା ଜନଜାତି ଗବେଷକ ଡ. ଦ୍ୱିତୀଚନ୍ଦ୍ର ସାହୁ ଯୋଗଦେଇ ରାୟଗଡ଼ା ଜିଲାର ଜନଜାତି ସଂସ୍କୃତି ଓ ପରମ୍ପରାକୁ ବିଷୟ ଆଧାରରେ ସଂଯୋଜିତ କରି ବିଦ୍ୟାଳୟ ଶ୍ରେଣୀ କକ୍ଷକୁ ଅଧିକ ଆକର୍ଷଣୀୟ କରାଯିବ ଏବଂ ଏଥିପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଥିବା କରିଥିଲେ। ଏଥିରେ ସ୍ଥାନୀୟ ଜନଜାତି ଚିତ୍ରକର ଜୁନେଶ ଗମାଙ୍ଗ, ଜିତେନ୍ଦ୍ର ଦଳ ବେହେରା, ଭରତ ମାଣ୍ଡାଙ୍ଗୀ ଓ କାର୍ତ୍ତିକ କଣ୍ଡାଗରୀ ଯୋଗ ଦେଇଥିଲେ । ଏହି ଶିବିରରେ ପ୍ରାଥମିକ ଶ୍ରେଣୀର ପିଲାମାନେ ଶ୍ରେଣୀ କାନ୍ଥରେ ଚିତ୍ରିତ ହୋଇଥିବା ବିବିଧ ଚିତ୍ରରୁ ଗଣିତ, ଭାଷା ଓ ପରିବେଶ ସମ୍ପର୍କିତ ବିଷୟ ଅଧ୍ୟୟନ କରିବେ। ଏଥିପାଇଁ ରାୟଗଡ଼ା ଜନଜାତି ସଂସ୍କୃତି, ପରମ୍ପରା ଓ କଳାରେ ସମନ୍ୱିତ ଭିତ୍ତିଚିତ୍ର ପ୍ରସ୍ତୁତ କରାଯିବ। ଶ୍ରେଣୀର ୨ଟି କାନ୍ଥରେ ଏହି ଚିତ୍ର ଅଙ୍କନ ହେବ । ଗୋଟିଏ କାନ୍ଥରେ ଗଣିତ ଓ ଅନ୍ୟ କାନ୍ଥରେ ପରିବେଶ ଏବଂ ଭାଷା ଶିକ୍ଷଣ ଲାଗି ଉନ୍ମୁକ୍ତ ରହିବ। ଶିବିରରୁ ପ୍ରସ୍ତୁତ ଭିତ୍ତିଚିତ୍ର ବିଭାଗ ଦ୍ୱାରା ଅନୁମୋଦିତ ହେବା ପରେ ପ୍ରଥମେ ପିତାମହଲ ଆଶ୍ରମ ବିଦ୍ୟାଳୟର ଶ୍ରେଣୀ କାନ୍ଥରେ ଚିତ୍ରିତ ହେବ ଏବଂ ପରବର୍ତ୍ତୀ ସମୟରେ ରାୟଗଡା ଜିଲାର ଶହେ ବିଦ୍ୟାଳୟକୁ ଜନଜାତି କଳା ସଂସ୍କୃତି ଓ ପରମ୍ପରା ଆଧାରିତ ଚିତ୍ରକଳାରେ ସଜ୍ଜିତ କରାଯିବା ଲକ୍ଷ୍ୟ ରହିଛି । ଭାରତରେ ନୂତନ ଶିକ୍ଷାନୀତି ୨୦୨୦, କାର୍ଯ୍ୟକାରୀ ହେବା ପରେ ମାତୃଭାଷା ଓ ସଂସ୍କୃତି ଭିତ୍ତିକ ଶିକ୍ଷାଦାନ ଉପରେ ଏହା ଗୁରୁତ୍ୱ ପ୍ରଦାନ କରି ଆସୁଥିବାରୁ ବିଭାଗ ପକ୍ଷରୁ ସମସ୍ତ ପ୍ରାଥମିକ ବିଦ୍ୟାଳୟ ସମୂହରେ ଏଭଳି ଅଭିନବ ଶିକ୍ଷଣ ପଦ୍ଧତିକୁ ଆପଣେଇବାକୁ ଲକ୍ଷ୍ୟ ରଖାଯାଇଛି । ଏହ କ୍ରମରେ ପ୍ରଥମେ ରାୟଗଡ଼ା ଜିଲାରୁ ଏହାର ଶୁଭାରମ୍ଭ କରାଯାଇଛି ।



କର୍ମଶାଳାରେ ଉପସ୍ଥିତ ଅତିଥି ଆଲୋଚନ କରୁଛନ୍ତି।

# ୮୧ ବିଦ୍ୟାର୍ଥୀ ୯ମଶ୍ରେଣୀ ନାମଲେଖାରୁ ବଞ୍ଚିତ

## ଅଣସ୍ୱୀକୃତିପ୍ରାପ୍ତ ସ୍କୁଲରେ ପଢ଼ି ହଇରାଣ

**ରାୟଗଡ଼ା,୯।୭(ଆଶିଷ ରଞ୍ଜନ ପଣ୍ଡା)**

ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟରେ ନାମଲେଖା ମାର୍ଚ୍ଚରେ ଶେଷ ହୋଇଯାଇଛି। ହେଲେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ୮୧ ଜଣ ପିଲା ୯ମ ଶ୍ରେଣୀରେ ନାମଲେଖାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଜିଲାରେ ବେଆଇନ ଭାବେ ଚାଲିଥିବା ଅଣସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନ ଯୋଗୁ ଏହି ୮୧ ପିଲାଙ୍କ ଭବିଷ୍ୟତ ଏବେ ଏକ ପ୍ରକାର ଅନ୍ଧକାରକୁ ଠେଲି ହୋଇଯାଇଥିବା ଅଭିଯୋଗ ହୋଇଛି। ଜିଲା ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ୮୧ ଜଣ ବିଦ୍ୟାର୍ଥୀ ରାଜ୍ୟ ସରକାରଙ୍କ ଅନ୍ୱେଷା ଯୋଜନାରେ ରାୟଗଡା ସହର ଉପକଣ୍ଠସ୍ଥ କଟଲାଗୁଡା ଅନ୍ୱେଷା ହଷ୍ଟେଲରେ ରହି ସହରସ୍ଥିତ ଏନ୍‌ଭିଆର ଏଜୁକେଶନାଲ ସ୍କୁଲ ଏବଂ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲରେ ସିବିଏସ୍‌ଇ ପାଠ୍ୟକ୍ରମରେ ପାଠ ପଢୁଥିଲେ। ତେବେ ଏହି ୨ ସ୍କୁଲ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ ହୋଇ ନ ଥିବାରୁ ବର୍ତ୍ତମାନ ଉକ୍ତ ୮୧ ବିଦ୍ୟାର୍ଥୀ ଅଷ୍ଟମ ପାସ୍ ପରେ ନବମରେ ଦାଖିଲା ପାଇପାରିନାହାନ୍ତି। ଅନ୍ୟପଟେ ମାର୍ଚ୍ଚରେ ଆଡ୍‌ମିସନ ଶେଷ ହୋଇଯିବା ପରେ ଇଂଲିଶ ମିଡିୟମ ସ୍କୁଲଗୁଡିକରେ ପାଠପଢ଼ା ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଗ୍ରୀଷ୍ମ ଅବକାଶ ହୋଇଥିଲା। ବର୍ତ୍ତମାନ ଜୁନ୍ ୨୧ରୁ ସମସ୍ତ ସ୍କୁଲ ଖୋଲିଥିଲେ ମଧ୍ୟ ଏହି ୮୧ ଜଣ ପିଲାଙ୍କ ନବମ ଶ୍ରେଣୀରେ ଆଡ୍‌ମିସନ ହୋଇ ନ ଥିବାରୁ ସେମାନେ ବର୍ତ୍ତମାନ ଅନ୍ୱେଷା ହଷ୍ଟେଲରେ ରହିଛନ୍ତି। ତେବେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଉକ୍ତ ବିଦ୍ୟାର୍ଥୀମାନଙ୍କୁ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଖୁବ୍ ଶୀଘ୍ର ଆଡ୍‌ମିସନ କରାଯିବ ବୋଲି ଜଣାପଡିଛି। ପ୍ରକାଶ ଥାଉକି, ଜିଲାରେ ସିବିଏସ୍‌ଇ ସ୍ୱୀକୃତି ନ ଥାଇ ବହୁତ ଇଂଲିଶ ମିଡିୟମ ସ୍କୁଲ ଖୋଲିବା ସହ ପିଲା ମଧ୍ୟ ଆଡ୍‌ମିସନ ନେଉଛନ୍ତି। ସମ୍ପୃକ୍ତ ସ୍କୁଲଗୁଡିକ ପିଲାଙ୍କଠାରୁ ମୋଟା ଅଙ୍କର ଫି ଆଦାୟ କରୁଛନ୍ତି। ହେଲେ ସିବିଏସଇ ସ୍ୱୀକୃତି ନ ଥିବା କାରଣରୁ ପରବର୍ତ୍ତୀ ସମୟରେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏ ନେଇ ରାଜ୍ୟ ସରକାର ଧ୍ୟାନ ଦେଇ ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଖୋଲିବା ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

# ଏବିଭିପିର ପ୍ରତିଷ୍ଠା ଦିବସ



ବଂଶଧାରା ଯୁକ୍ତ୨ ବିଦ୍ୟାଳୟରେ ଏବିଭିପିର ପ୍ରତିଷ୍ଠା ଦିବସ ପାଳନ କରାଯାଉଛି ।

**ଗୁଣପୁର,୯।୭(ପ୍ରଦୀପ କୁମାର ପାଢ଼ୀ)**

ଗୁଣପୁର ବଂଶଧାରା ଯୁକ୍ତ୨ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାର୍ଥୀ ପରିଷଦର ନଗର ସଭାପତି ଲକ୍ଷ୍ମୀନାରାୟଣ ମହାଙ୍କୁଡଙ୍କ ତତ୍ତ୍ୱାବଧାନରେ ପରିଷଦର ପତାକା ଉତ୍ତୋଳନ ହୋଇଥିଲା। ନଗର ସମ୍ପାଦକ ସାଇ ପ୍ରସାଦ ପାଣିଗ୍ରାହୀଙ୍କ ଆହ୍ୱାନକ୍ରମେ ବିଭାଗ ପ୍ରମୁଖ ଉମାଶଙ୍କର ଦାସ ମାର୍ଗଦର୍ଶନ କରିଥିଲେ । ଜିଲା ପ୍ରମୁଖ ଶେଷସାୟୀ ସେନାପତି ପୌରହିତ୍ୟ କରିବା ସହ ସଂଗଠନର ବିଭିନ୍ନ ଦାବି ଉପରେ କହିଥିଲେ । ପୂର୍ବତନ ଜିଲା ପ୍ରମୁଖ ଇନ୍ଦ୍ରାକ୍ଷୀ ଦାଶ , ସଂଯୋଜକ ବି. ସତୀଶ କୁମାର, ବି. କିରଣ, ଶିବ ପ୍ରସାଦ ଡାକୁଆ, ଚନ୍ଦ୍ରଶେଖର ସାହୁ, ଏସ୍. ଶିବାଜୀ, ନଗର ଯୁଗ୍ମ ସମ୍ପାଦକ ଦେବାଶିଷ ସେନାପତି, ଇନ୍ଦ୍ରଜିତ ପଣ୍ଡା, ସରସତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ପ୍ରମୁଖ ଉପସ୍ଥିତଥିଲେ । ଏହି ଅବସରରେ ସମସ୍ତେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବନ ବିଭାଗର 'ମା ଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ କିସମର ଚାରାରୋପଣ କରିଥିଲେ । ବନ ବିଭାଗ ଅଧିକାରୀ ଗଙ୍ଗାଧର ମିଶ୍ର, ଶିବାନୀ ପାତ୍ର ତଥା ଅନ୍ୟାନ୍ୟ ବନ କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜମିହରା ବିସ୍ଥାପିତ



କଂସାରିଗୁଡ଼ା ଜମିହରା ବିସ୍ଥାପିତ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

**ଟିକିରି,୯।୭(ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ପୋଡ଼ାପାଡ଼ି ପଞ୍ଚାୟତ କଂସାରିଗୁଡା ଜମିହରା ବିସ୍ଥାପିତ କ୍ଷତିଗ୍ରସ୍ତ ପ୍ରଭାବିତ ପରିବାର ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, କଂସାରିଗୁଡା ଅଞ୍ଚଳରେ ବହୁ ବର୍ଷ ହେଲା ଆଦିତ୍ୟ ବିର୍ଲା କମ୍ପାନୀ ଜମି ଅଧିଗ୍ରହଣ କରି କମ୍ପାନୀ କରିନାହିଁ। ତେଣୁ ଡିପିଏଲ୍ ଡିପି ଯଥା ଶୀଘ୍ର ଆରମ୍ଭ କରାଯିବା ସହ ବିସ୍ଥାପିତ ଜମିହରା ପରିବାରର ବହୁ ଶିକ୍ଷିତ ଯୁବକଯୁବତୀ ବେକାର ଅଛନ୍ତି। ତେଣୁ ସେମାନଙ୍କୁ ଚାକିରି ପ୍ରଦାନ କରାଯିବାକୁ ଦାବି ହୋଇଛି। ଏଭଳି ୫ଟି ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ଡଉଲ ରତ୍ନ ଚୌଧୁରୀ, କଂସାରି ଜାନି, ନୀଳକଣ୍ଠ ଝୋଡିଆ, ଅଗସ୍ତି ହଲବା, ବିପିନ ମାଝୀ, ଶ୍ରୀନୁ ମାଝୀ ଏବଂ ଭାଜପା ନେତା ଶିବ ଶଙ୍କର ଉଲ୍ଲାକାଙ୍କ ସମେତ କଂସାରିଗୁଡା ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଗୁଣପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ଗୁଣପୁର, ୯।୭(ପ୍ରଦୀପ କୁମାର ପାଢ଼ୀ )**

ରାୟଗଡ଼ା ଗୁଣପୁରରେ ଏକ ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ପକ୍ଷରୁ ଦାବି ହୋଇଛି। ଏ ନେଇ ପରିଷଦର ଆବାହକ ତଥା ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଜିଲାରେ ଗୋଟିଏ ଲେଖାଏ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ନୀତି ରହିଛି। ରାଜ୍ୟର ୯ଟି ଜିଲାରେ ୪୦% ଆଦିବାସୀ ବସବାସ କରୁଥିବା ୯ଟି ଜିଲାରୁ ମାତ୍ର ୪ଟି ଜିଲା ଯଥା ମୟୂରଭଞ୍ଜ, କୋରାପୁଟ, ସୁନ୍ଦରଗଡ ଏବଂ କେଉଁଝରରେ ରାଜ୍ୟ ସରକାର ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ଅନ୍ୟ ୫ଟି ଜିଲା ୪୦%ରୁ ଉର୍ଦ୍ଧ୍ୱ ଆଦିବାସୀ ବସବାସ କରୁଥିବା ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି ଓ ଗଜପତି ଜିଲାରେ ବର୍ତ୍ତମାନ ସୁଦ୍ଧା ସରକାରୀ କିମ୍ବା ବେସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇପାରିନାହିଁ । ତେଣୁ ଏହି ସବୁ ଜିଲାରେ ଯୁଦ୍ଧକାଳୀନ ଭିତ୍ତିରେ ସରକାରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ଜରୁରୀ ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି।

ରାୟଗଡ଼ା ଏବଂ ଗଜପତି ଜିଲାର ଭୌଗୋଳିକ କେନ୍ଦ୍ରସ୍ଥଳ ଗୁଣପୁର ହେଉଥିବାରୁ ଏବଂ ଏହି ୨ ଜିଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୭୫% ଥିବାରୁ ଗୁଣପୁରରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବାର ଯଥାର୍ଥତା ରହିଛି ବୋଲି ଡ. ପଣ୍ଡା ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ରାୟଗଡ଼ା ଜିଲାର ରାୟଗଡ଼ା, ଜେ.କେ.ପୁର, ବିଷମକଟକ, ମୁନିଗୁଡ଼ା, ଅମ୍ବାଦଳା, ପଦ୍ମପୁର, ରାମନାଗୁଡା ଓ କେନ୍ଦୁଗୁଡା ପ୍ରମୁଖ ସ୍ଥାନରୁ ଗୁଣପୁର ମାତ୍ର ୧ରୁ ଦୁଇ ଘଣ୍ଟା ମଧ୍ୟରେ ଦୂରତା ରହିଛି। ସେହିପରି ଗଜପତି ଜିଲାର ପାରଳାଖେମୁଣ୍ଡି, କାଶୀନଗର, ଗୁମ୍ମା, ସେରଙ୍ଗୋ, ଗାଇବା, ଗୋଷାଣୀ, ଅଡବା, ଆର. ଉଦୟଗିରି ଓ ମୋହନାରୁ ଗୁଣପୁର ଯାତାୟାତ ପାଇଁ ମଧ୍ୟ ୧ରୁ ୨ ଘଣ୍ଟା ମଧ୍ୟରେ ଦୂରତା ରହିଛି। ଗୁଣପୁରକୁ ଯାତାୟାତ ପାଇଁ ଟ୍ରେନ୍, ବସ୍‌ର ବ୍ୟାପକ ବ୍ୟବସ୍ଥା ରହିଛି। ସେହିପରି ଗୁଣପୁରର ଆଖପାଖ ଯଥା ସୌରା ପ୍ରଧାନୀଗୁଡା, ଚାଲକମ୍ବା ଓ ଡମ୍ବସରା ଅଞ୍ଚଳରେ ଶତାଧିକ ଏକର ସରକାରୀ ଜମି ରହିଛି। ଏହି ଜମିରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବାରେ କୌଣସି ଅସୁବିଧା ହେବନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟମନ୍ତ୍ରୀ, ଓଡ଼ିଶାର ମୁଖ୍ୟ ସଚିବ, କେନ୍ଦ୍ର ଓ ରାଜ୍ୟର ସ୍ୱାସ୍ଥ୍ୟ ଓ ଶିକ୍ଷା ସଚିବଙ୍କୁ ମଧ୍ୟ ସେ ଏହି ଦାବି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# କାର୍‌ରୁ ୮୦ କେଜି ଗଞ୍ଜେଇ ଜବତ, ୩ ଗିରଫ

**ମୁନିଗୁଡ଼ା,୯।୭ (ନନ୍ଦକିଶୋର ପଟ୍ଟନାୟକ)**

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ମୁନିଗୁଡ଼ା ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଏକ କାରରୁ ୮୦ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କେରଳ ମାଲ୍ଲାକୁରମ ଜିଲାର ବାସିନ୍ଦା ମହମ୍ମଦ ଫଇଜ (୨୫), ମହମ୍ମଦ ସାହୁଲେ କେକେ (୩୧) ଏବଂ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ବିଶ୍ୱନାଥ ପୂଜାରୀ। ମୁନିଗୁଡ଼ା ଥାନା ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ସୌଦାମିନୀ ବେହେରା ଏହି ସୂଚନା ଦେଇଛନ୍ତି।

ମୁନିଗୁଡା ମୁଖ୍ୟ ରାସ୍ତାରେ ଥିବା ମୋମ୍ସ କେଫ ସମ୍ମୁଖରେ ସୋମବାର ଦୀର୍ଘ ସମୟ ଧରି ଛିଡା ହୋଇଥିବା ଏକ କଳା ରଙ୍ଗର କାରରେ ଗଞ୍ଜେଇ ଥିବା ଆଇଆଇସି ବେହେରା ବିଶେଷ ସୂତ୍ରରୁ ଖବର ପାଇଥିଲେ। ପରେ ଏକ ପୋଲିସ ଟିମ୍ ଗଠନ କରି ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏସ୍‌ଆଇ ଜୟଚନ୍ଦ୍ର ସାହୁ, କନଷ୍ଟେବଳ ହଂସରାଜ ପୂଜାରୀ, ଓଏସିଏଫ ଧନପତି କୁମ୍ଭରିକା,ବଳରାମ ବଳିକା ଓ ହୋମ ଗାର୍ଡ ସନ୍ତୋଷ ପାଢ଼ୀ ପ୍ରମୁଖ ସାଦା ପୋଷାକରେ ଯାଇ ଯାଞ୍ଚ କରିବାବେଳେ କାର ଭିତରେ ୪ଟି ବସ୍ତାରେ ଗଞ୍ଜେଇ ଥିବା ଅନୁମାନ କରିଥିଲେ । କିଛି ସମୟ ଅପେକ୍ଷା କରିବା ପରେ ୨ଜଣ ଯୁବକ ନିକଟସ୍ଥ ସୁଣ୍ଡି ସାହି ଭିତର ରାସ୍ତାରୁ ଆସି ଗାଡ଼ି ଡୋର ଖୋଲିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀ ଓ ୨ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ ପରେ ୮୦କେଜି ଗଞ୍ଜେଇ ଏବଂ ଏହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ପରେ ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ବିଶ୍ୱନାଥଙ୍କଠାରୁ ଗଞ୍ଜେଇ ଆଣିଥିବା କହିଥିଲେ। ବିଶ୍ୱନାଥଙ୍କୁ ମୁନିଗୁଡ଼ା ଆଣି ଜେରା କରିବା ପରେ ୩ ଗଞ୍ଜେଇ ଚାଲାଣକାରୀଙ୍କ ବିରୁଦ୍ଧରେ କେସ୍ ନଂ ୧୪୯/୨୪ରେ ମାମଲା ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୫୫ ଅଭିଯୋଗ ଶୁଣିଲେ ଜିଲାପାଳ

**ରାୟଗଡ଼ା,୯।୭(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ କଲ୍ୟାଣସିଂହପୁର ବ୍ଲକ ସଭାଗୃହରେ ମଙ୍ଗଳବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ପି ହରିଶ ବିସି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୫୫ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୧ଟି ବ୍ୟକ୍ତିଗତ ଓ ୧୪ ସାମୂହିକ ଅଭିଯୋଗ ଥିଲା। ଜିଲାପାଳ ଜଣକୁ ୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ପ୍ରଦାନ କରିଥିଲେ। ହସ୍ତଗତ ଅଭିଯୋଗଗୁଡିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଷମ କଟକରେ କଂଗ୍ରେସର ବିଜୟ ଉତ୍ସବ

**ବିଷମ କଟକ, ୯।୭ (ପ୍ରସନ୍ନ କୁମାର ପଣ୍ଡା)**

ବିଷମ କଟକ ବ୍ଲକ୍ କଂଗ୍ରେସ ତରଫରୁ ମଙ୍ଗଳବାର ବିଜୟ ଉତ୍ସବ ପାଳନ ଅବସରରେ ବିଧାୟକ ନୀଳମାଧବ ହିକକା ଏକ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ବିରାଟ ପଟୁଆରରେ ସହର ପରିକ୍ରମା କରାଯାଇଛି। ପ୍ରଥମେ ବିଧାୟକ ନୀଳମାଧବ ଏବଂ ଏମ୍‌ପି ସପ୍ତଗିରି ଗ୍ରାମଦେବୀ ମା' ମାର୍କମାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ବିଧାୟକ ଏବଂ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଦଳୀୟ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଏମ୍‌ପି ଓ ବିଧାୟକଙ୍କୁ ନଗର ପରିକ୍ରମା କରାଇଥିଲେ। ଶୋଭାଯାତ୍ରାରେ କଂଗ୍ରେସ ନେତା ଦିଲୀପ ପଟ୍ଟନାୟକ, ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ନାଣକା, ବିଷମ କଟକ ସରପଞ୍ଚ ନମିତା କୁଲସିକା, ଅଜିତ ସାରକା, ଚନ୍ଦ୍ରଶେଖର କୁର୍ସିଲିଆ, ମିଟୁ ପଣ୍ଡା, ଅରକ୍ଷିତ ହିକକା, ରାମ ଦାସ, ନିଖିଲ ପଟ୍ଟନାୟକ, ଗୌରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ପି ଏବଂ ବିଧାୟକଙ୍କୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି।

# ଅପହଞ୍ଚ ଇଲାକାକୁ ଡାକ୍ତରୀ ସେବା ନେଇ ଆଲୋଚନା

**ମୁନିଗୁଡ଼ା,୯।୭ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସରରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ମେଡିକାଲ ଅଫିସର ଡା.ଆଶିଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଓ ମେଡିକାଲ ପ୍ରୋଗ୍ରାମ ଅଫିସର ତପନ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥି ଭାବେ ସହକାରୀ ଅଧ୍ୟକ୍ଷ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡରୁକା,ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଡାକ୍ତର ଅନୀଲ ବେହେରା, ଏମ୍‌ପି ପ୍ରତିନିଧି ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକ ପୂର୍ବରୁ ପୋଗ୍ରାମ ଅଫିସର ପଣ୍ଡା ଓ ମେଡିକାଲ ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ଗମାଙ୍ଗୀ ନୂତନ ବିଧାୟକ ତଥା ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ ।

ବିଧାୟକ ହିକକା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ବେଡ୍‌ରେ ଥିବା ରୋଗୀଙ୍କୁ ବୁଲି ଦେଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ପରେ ବୈଠକରେ ବିପିଏମ୍ ରୋଗୀ କଲ୍ୟାଣ ସମିତି ଗଠନ ଓ କାର୍ଯ୍ୟକାରିତା ସମ୍ବନ୍ଧୀୟ ସରକାରୀ ନିର୍ଦ୍ଦେଶନାମା ପଢ଼ି ଶୁଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକ ଏବଂ ଉପସ୍ଥିତ ସମିତି ସଦସ୍ୟଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ବିଶେଷକରି ଆମ୍ବାଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ୩ବର୍ଷ ତଳେ ବାଇକ ଆମ୍ବୁଲାନ୍ସ ବାବଦକୁ ଖର୍ଚ୍ଚ ହୋଇଥିବା ୪ଲକ୍ଷ ୩୨ହଜାର ଟଙ୍କା ବକେୟା କିପରି ପରିଶୋଧ ହେବ ସେ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁନିଗୁଡ଼ା ଅଞ୍ଚଳରେ ବ୍ଲିଚିଂ ଅଭାବ, ଅପହଞ୍ଚ ଇଲାକାକୁ ନିୟମିତ ଡାକ୍ତର ସେବା, ଆମ୍ବୁଲାନ୍ସ ସେବା ଯୋଗାଇବା ସହ ବର୍ଷା ଦିନେ ହେଉଥିବା ଡେଙ୍ଗୁ, ମ୍ୟାଲେରିଆ ଓ ଝାଡାବାନ୍ତି ରୋଗ ପାଇଁ ଆଲୋଚନା ହୋଇଥିଲା। ପରେ ମେଡିକାଲ ହିସାବ ରକ୍ଷକ ଦିବେଶ କୁମାର ଜାନି ବାର୍ଷିକ ହିସାବ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଫାର୍ମାସିଷ୍ଟ ଲକ୍ଷ୍ମଣ ବାଗ, ବିଡିଏମ୍ ସୋମିତା ଦାସ, ସିଡିପିଓ ଡାଳିମ୍ବ ନାୟକ, ସମିତି ସଭ୍ୟ ଅନଙ୍ଗ ନାଗ,ଏବିଓ ପ୍ରସନ ପାତ୍ର, କଂଗ୍ରେସର ବ୍ଲକ୍ ସଭାପତି ନୀଳାମ୍ବର ବିଭାର ହୀକାକା,ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ମନୋରଞ୍ଜନ ଦଳାଇ,ଅଜିତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।



ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

# ଶୌଚାଳୟକୁ ଆସୁନି ପାଣି, ଭକ୍ତ ହଇରାଣ

- ଶ୍ରଦ୍ଧା ଶ୍ରୀକ୍ଷେତ୍ର ରଥଯାତ୍ରାରେ ଅବ୍ୟବସ୍ଥା
- ୪ ଚକିଆ ଯାନ ପ୍ରବେଶ ଯୋଗୁ ଟ୍ରାଫିକ୍ ଜାମ୍

**ରାୟଗଡା, ୯।୭ (ଭାଗ୍ୟଶ୍ରୀ ମିଶ୍ର )**

ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ପାଳନ ପାଇଁ ଦେବୋତ୍ତର ବିଭାଗ, ସ୍ଥାନୀୟ ପୋଲିସ ଏବଂ ପୌର ପ୍ରଶାସନ ପକ୍ଷରୁ ପୂର୍ବରୁ ଜିଲାସ୍ତରରେ ଅନେକ ଥର ବୈଠକ କରାଯାଇ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କାର୍ଯ୍ୟକ୍ରମରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନା ଅଧୀନରେ ନିର୍ମିତ ଶୌଚାଳୟ ଦୀର୍ଘ ଦିନ ଧରି ବନ୍ଦ କରି ରଖାଯାଇଥିଲା। ରଥଯାତ୍ରା ପାଇଁ ତରବରିଆ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଶୌଚାଳୟକୁ ଖୋଲାଯାଇ ୪ ଦିନ ହେବ ଜଣେ ମହିଳା କର୍ମୀଙ୍କୁ ପୌର ପରିଷଦ ପକ୍ଷରୁ ନିୟୋଜିତ କରାଯାଇଛି। ରଥଯାତ୍ରାରେ ଠାକୁରଙ୍କୁ ଦର୍ଶନ କରିବାକୁ ଜିଲା ତଥା ବାହାରୁ ଅନେକ ଶ୍ରଦ୍ଧାଳୁ ଆସୁଥିବାରୁ ମହିଳା ଏବଂ ଦିବ୍ୟାଙ୍ଗ ପାଇଁ ଉଦ୍ଦିଷ୍ଟ ଶୌଚାଳୟରେ ପାଣି ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ପାନୀୟ ଜଳ ଯୋଗାଣ ପାଇଁ ପୌର ବିଭାଗ ପକ୍ଷରୁ ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିର ଛକ ଏବଂ ମେଡିକାଲ ନିକଟରେ ୨ଟି ବିଶୁଦ୍ଧ ପାନୀୟ ଜଳ ମେସିନ ସ୍ଥାପନ କରାଯାଇଥିଲେ ମଧ୍ୟ ସେଥିରୁ ପାଣି ଆସୁନି । ପିଏଚ୍‌ଡି ବିଭାଗ ପକ୍ଷରୁ ଏକ ପାଣି ଟାଙ୍କି ରଖାଯାଇଥିଲେ ମଧ୍ୟ ତାହା ପିଇବା ଯୋଗ୍ୟ ନୁହେଁ ବୋଲି ଶ୍ରଦ୍ଧାଳୁ ଅଭିଯୋଗ କରିଛନ୍ତି । ସେହିପରି ସହର ଭିତରକୁ ଚାରିଚକିଆ ଯାନ ପ୍ରବେଶ ଉପରେ କୌଣସି କଟକଣା ନ ଥିବାରୁ ସନ୍ଧ୍ୟା ସମୟରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ ରହୁଥିବା ଦେଖିବାକୁ ମିଳିଛି। ପିତାମହଲରୁ ରାୟଗଡା ଆସୁଥିବା ବ୍ୟକ୍ତିଙ୍କ ପାଇଁ ଷ୍ଟେଟବ୍ୟାଙ୍କ ସମ୍ମୁଖ, ରାଣୀଗୁଡାରୁ ଆସୁଥିବା ବ୍ୟକ୍ତି ଅଣ୍ଡର ପାସ୍ ଏବଂ ସନ୍ତୋଷୀ ମା' ମନ୍ଦିର ନିକଟରେ, ଅମ୍ବାଗୁଡା, ଶିରୀଗୁଡାରୁ ଆସୁଥିବା ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟ, ରେଲୱେ କଲୋନିରୁ ଆସୁଥିବା ଲୋକଙ୍କ ପାଇଁ ଶାରଳା ଛକରେ ୨ ଚକିଆ ଯାନ ରଖିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଅମାନିଆ ଗାଡି ଚାଳକ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳିଛି । ମୁଖ୍ୟତଃ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ୪ ଚକିଆ ଯାନ ପ୍ରବେଶ ଯୋଗୁ ଟ୍ରାଫିକ ଜାମ ହେଉଥିବା ଅଭିଯୋଗ ହେଉଛି। ସେହିପରି ଦେବୋତ୍ତର ବିଭାଗ ପକ୍ଷରୁ ଦୋକାନ ଆବଣ୍ଟନ କରାଯାଇ ଦୋକାନ ପିଛା ଦର ନିର୍ଦ୍ଧାରିତ କରାଯାଇଥିଲେ ମଧ୍ୟ ଉଠା ଦୋକାନୀମାନେ ରାସ୍ତା କଡ଼ରେ ବସି ଅବରୋଧ କରୁଛନ୍ତି। ସେମାନଙ୍କୁ ଉଠାଇବା ପାଇ ପୌର ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଶୌଚାଳୟରେ ପାଣି ନ ଆସିବା ଏବଂ ବିଭିନ୍ନ ଅବ୍ୟବସ୍ଥା ବିଷୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି। ଏ ନେଇ ରାୟଗଡ଼ା ଥାନା ଆଇଆଇସି କେଜେବିକେ କହଁର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଚେଷ୍ଟା କରାଯାଉଛି।




ଗୋପାଳ ଶ୍ରୀକ୍ଷେତ୍ର ତେନ୍ତୁଳିଖୁଣ୍ଟିରେ ଶ୍ରୀଜୀଉଙ୍କ କଚ୍ଛପ ଅବତାର ବେଶ। (ଫଟୋ-ଚିଦାନନ୍ଦ ସାହୁ)


ନବରଙ୍ଗପୁରରେ ମହାପ୍ରଭୁ ବରାହ ଅବତାର ବେଶରେ ଦର୍ଶନ ଦେଉଛନ୍ତି। (ଫଟୋ-ସଦାଶିବ ପ୍ରହରାଜ)

# ପ୍ରଧାନ ଶିକ୍ଷକ ମଧ୍ୟାହ୍ନଭୋଜନ ଚାଉଳ ବିକିଥିବା ଅଭିଯୋଗ

**ପାତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ**
- ତଦନ୍ତ କଲେ ଜିଲା ବିଜ୍ଞାନ ପରିଦର୍ଶକ
- ଅଭିଯୋଗକୁ ଖଣ୍ଡନକଲେ ପ୍ରଧାନଶିକ୍ଷକ

ନବରଙ୍ଗପୁର/ପାପଡ଼ାହାଣ୍ଡି, ୯।୭ (ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି କରିବା, ଦଶମ ପାସ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ବାବଦକୁ ଟଙ୍କା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି। ଜିଲା ଶିକ୍ଷାଅଧିକାରୀ ଛତ୍ରପତି ସାହୁଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ସିଆରସିସି ଡ଼ମ୍ବୁ ନାୟକ ପାତ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପହଞ୍ଚି ତଦନ୍ତ କରିଥିଲେ। ସେମାନେ ଏହାର ଏକ ବିସ୍ତୃତ ରିପୋର୍ଟ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ତଦନ୍ତବେଳେ ପ୍ରଧାନଶିକ୍ଷକ ୫ ଦିନ ଛୁଟିରେ ଥିବା ଜଣାପଡିଛି।

ବିଦ୍ୟାଳୟ ସଭାପତି ମାଙ୍ଗତା ଭତରା, ଆଲୁମିନ ସଭାପତି ପ୍ରଦୀପ ନାୟକ ଏବଂ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରଧାନ ଶିକ୍ଷକ ଗତ ୩୦ ତାରିଖରେ ସ୍କୁଲରେ କାମ କରୁଥିବା ୱାଚମ୍ୟାନ ବିଦ୍ୟାଧର ଭତରାଙ୍କ ହାତରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନ ୩ ବସ୍ତା ଚାଉଳ ନେଇ ସ୍ଥାନୀୟ ଏକ କିରାନା ଦୋକାନରେ ବିକ୍ରି କରିବାକୁ କହିଥିଲେ। ବିଦ୍ୟାଧର ୨୪୦୦ ଟଙ୍କାରେ ଚାଉଳ ବିକ୍ରି କରି ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ପ୍ରଧାନ ଶିକ୍ଷକ ତାଙ୍କୁ ଏହା ବାବଦକୁ ୧୦୦ ଟଙ୍କା ମଜୁରୀ ଦେଇଥିଲେ ବୋଲି ଜଗୁଆଳି ଜଣକ କହିଥିଲେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହୋଇଥିଲା। ୯ ତାରିଖରେ ମାଟ୍ରିକ ସାର୍ଟିଫିକେଟ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଥିବାବେଳେ ପ୍ରଧାନ ଶିକ୍ଷକ ୭ ତାରିଖ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟଗୁଡିକ ପ୍ରଦାନ କରିଥିଲେ। ସାର୍ଟିଫିକେଟ ପ୍ରଦାନ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ୧୦୦ ଟଙ୍କା ଲେଖାଏଁ ଆଦାୟ କରିଥିବା ଅଭିଯୋଗ ରହିଥିଲା। ଏଚ୍ଆର୍ଏମ୍ଏସ୍ ମାଧ୍ୟମରେ ଛୁଟି ପାଇଁ ଆବେଦନ କରିବାକୁ ଡିଇଓଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଅନୁମତି ପାଇବା ପରେ ହିଁ ଛୁଟିରେ ଯାଇ ପାରିବେ। ତେବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ୭ ତାରିଖରେ ଛୁଟି ଆବେଦନ କରି ବିନା ଅନୁମତିରେ ଛୁଟିରେ ଚାଲିଯାଇ ଯାଇଥିଲେ। ଏଭଳିକି ଉପରିସ୍ଥ ଅଧିକାରୀଙ୍କୁ ମଧ ଜଣାଇ ନ ଥିଲେ ବୋଲି ଜଣାପଡ଼ିଛି। ଗ୍ରାମବାସୀ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ବିଜ୍ଞାନ ପରିଦର୍ଶକ ପଟ୍ଟନାୟକ ଓ ସିଆର୍ସିସି ନାୟକ ମଙ୍ଗଳବାର ସ୍କୁଲରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ସେ ସ୍କୁଲ କମିଟି ସଭାପତି, ଆଲୁମିନ ସଭାପତି, ଗ୍ରାମବାସୀ ଏବଂ ପୂର୍ବତନ ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି, ଦ୍ୱତୀୟ ମାଟ୍ରିକ ପରୀକ୍ଷାରେ ପାସ ଛାତ୍ରୀ ଛାତ୍ରଙ୍କଠୁ ଏସ୍ଏଲ୍ସି ବାବଦକୁ ୧୦୦ ଟଙ୍କା ଲେଖାଏ ଆଦାୟ, ଇକୋ କ୍ଲବରେ ବ୍ୟାପକ ଦୁର୍ନୀତି ରିଥିବା ନେଇ ବିଦ୍ୟାଳୟ ସଭାପତି ଏବଂ ଆଲୁମିନତ ସଭାପତି ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ଜଣେ ଗଣିତ ଶିକ୍ଷକ ହୋଇଥିଲେ ମଧ ଛାତ୍ରୀଛାତ୍ରଙ୍କ ଗୋଟିଏ ମଧ କ୍ଲାସ କରି ନାହାନ୍ତି। ଛାତ୍ରୀଛାତ୍ର ଗଣିତ ଅନ୍ୟମାନଙ୍କ ମାଧ୍ୟମରେ ପଢୁଥିଲେ। ସେହି ଖାତା ମଧ ଦିନେ ଦେଖୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ପ୍ରାକ୍ତନ ଛାତ୍ର ପ୍ରଦୀପ କୁମାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଙ୍ଗତା ଭତ୍ରା ବିଦ୍ୟାଳୟରେ ବହୁ ଅନିୟମିତତା, ଚାଉଳ ବିକ୍ରି ଓ ସାର୍ଟିଫିକେଟ ପ୍ରଦାନରେ ଟଙ୍କା ଆଦାୟ ହୋଇଥିବା ନେଇ ଅଭିଯୋଗ କରିଥିଲେ।୩ ବସ୍ତା ଚାଉଳ ବିକ୍ରି, ସାର୍ଟିଫିକେଟ ପ୍ରଦାନ ପାଇଁ ୧୦୦ଟଙ୍କା ଆଦାୟ ସତ୍ୟତା ଥିବା ତଦନ୍ତରେ ଜଣାପଡ଼ିଛି। ପ୍ରଧାନ ଶିକ୍ଷକ ବିନା ଛୁଟିରେ ଗାଁକୁ ଚାଲିଯାଇଛନ୍ତି। ପ୍ରଧାନ ଶିକ୍ଷକ ବିଦ୍ୟାଳୟର ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦେଇ ନାହାନ୍ତି ବୋଲି ଶିକ୍ଷୟିତ୍ରୀ ଶିକ୍ଷକମାନେ ତଦନ୍ତ ସମୟରେ ଜଣାଇଥିଲେ। ତେବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସାମଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାମଲଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ଏବଂ ଏହା ପ୍ରାୟୋଜିତ ବୋଲି ସେ କହିଛନ୍ତି।


ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

# ଫାଷ୍ଟ ଫୁଡ୍, ମିଠାଦୋକାନ ଉପରେ ଚଢ଼ାଉ


ଅଧିକାରୀମାନେ ଏକ ଫାଷ୍ଟଫୁଡ୍ ଷ୍ଟଲରେ ଯାଞ୍ଚ କରୁଛନ୍ତି।

**୧୭ ହଜାର ଟଙ୍କା ଜରିମାନା ଆଦାୟ**

ନବରଙ୍ଗପୁର,୯।୭(ସଦାଶିବ ପ୍ରହରାଜ)

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ନବରଙ୍ଗପୁର ସଦମହକୁମାର ବିଭିନ୍ନ ଖ ଫାଷ୍ଟ ଫୁଡ୍, ମିଠା ଦୋକାନ ଏବଂ ଗୁପଚୁପ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନବକିଶୋର ବେହେରା, ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା ଚଢ଼ାଉରେ ସହଯୋଗ କରିଥିଲେ। ବିଭିନ୍ନ ଦୋକାନରେ ଚଢ଼ାଉ କରି ପାଖା ପାଖି ୭୦ କିଲୋରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ନଷ୍ଟ କରାଗଲା। ଏନେଇ ଦୋକାନୀଙ୍କ ଠାରୁ ୧୭ହଜାର ଟଙ୍କା ଜରିମାନା ଆଦାୟ ଯାଇଛି। ଖାଦ୍ୟରେ ଅପମିଶ୍ରିତ ଖାଦ୍ୟ ରଙ୍ଗ ପକେଇବାକୁ ବାରଣ କରାଯାଇଛି। ଖାଦ୍ୟ ସାମଗ୍ରୀର ବ୍ୟବହାର ଉପଯୋଗୀ ଓ ଅନୁପଯୋଗୀ ତାରିଖ ଉଲ୍ଲେଖ କରିବାକୁ ତାଗିଦ୍ କରାଗଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ଅଧିକାରୀ ମହାରଣା କହିଛନ୍ତି। ରଥଯାତ୍ରା ଗହଳିକୁ ଦୃଷ୍ଟିରେ ରଖି ଏପରି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି।

# ନିମ୍ନମାନର ଆହାର, ବିଧାୟକଙ୍କ ଉଦ୍‌ବେଗ

ଛତ୍ରପୁର,୯।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଅଚାନକ ଛତ୍ରପୁର ହସ୍ପିଟାଲ ସମ୍ମୁଖରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ଲୋକଙ୍କ ସହ ଆହାର ଖାଇଥିଲେ। ଏହାସହ ପାଞ୍ଚ ଟଙ୍କାରେ ଦିଆଯାଉଥିବା ଆହାର ଖାଦ୍ୟ କିଭଳି ସୁସ୍ୱାଦ ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ । ଗ୍ରାମାଞ୍ଚଳରୁ ସାଧାରଣ ଗରିବ ଲୋକଟିଏ ବିଭିନ୍ନ ସମୟରେ ସହରକୁ କୌଣସି ସରକାରୀ କାର୍ଯ୍ୟ କିମ୍ବା ମେଡିକାଲ କାମରେ ଆସିଥିବା ବେଳେ କମ ମୂଲ୍ୟରେ କିଭଳି ଲୋକଙ୍କୁ ପେଟପୁରା ଖାଦ୍ୟ ଯୋଗାଇଦେବା ନିମନ୍ତେ ଆହାର କେନ୍ଦ୍ର ମାନ ଖୋଲାଯାଇଛି । ତେବେ ଆହାର କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଲୋକମାନେ ନବନିର୍ବାଚିତ ବିଧାୟକଙ୍କୁ ଅଭିଯୋଗ କରିଛନ୍ତି। ନିମ୍ନମାନର ଚାଉଳରେ ଭାତ ହେଉଥିବା ବେଳେ ଡାଲି ମଧ୍ୟ ଅତି ନିମ୍ନମାନର ବୋଲି ଲୋକମାନେ ଅଭିଯୋଗ କରିଥିଲେ। ସରକାର ଆହାର କେନ୍ଦ୍ର ପାଇଁ ଜଣଙ୍କ ପିଛା ୩୨ ଟଙ୍କା ଦେଉଥିବା ବେଳେ ଲୋକମାନଙ୍କଠାରୁ ମାତ୍ର ପାଞ୍ଚ ଟଙ୍କା ନେଇ ଆହାର ଯୋଗାଇ ଦିଆଯାଉଛି। କିନ୍ତୁ ଖାଦ୍ୟ ଏତେ ନିମ୍ନମାନର କାହିଁକି ହେଉଛି ବୋଲି ପଚାରିବା ସହ ଏଭଳି ଅସୁବିଧାକୁ ପ୍ରଶାସନ କାହିଁକି ତଦାରଖ କରୁନାହିଁ ବୋଲି ବିଧାୟକ ନାୟକ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ । ଯେଭଳି ଭାବେ ଲୋକଙ୍କୁ ଉତ୍ତମମାନର ଖାଦ୍ୟ ଦିଆଯିବ ତାହା ପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ ।

# ହିନ୍ଦୁ ଏକତା ବାହିନୀର ଥାନାରେ ଅଭିଯୋଗ

ନବରଙ୍ଗପୁର,୯।୭(ସଦାଶିବ ପ୍ରହରାଜ)

ହିନ୍ଦୁ ଏକତା ବାହିନୀ ସଦସ୍ୟମାନେ ଗାୟକ ରୁକୁ ସୁନା ଏବଂ ହ୍ୟୁମାନ ସାଗରଙ୍କ ବିରୋଧରେ ନବରଙ୍ଗପୁର ଟାଉନ ଥାନାରେ ମଙ୍ଗଳବାର ଦେଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନିତ କରିଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଗାୟକ ରୁକୁ ସୁନା ଓ ହ୍ୟୁମାନ ସାଗର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭଜନକୁ କଦର୍ଥ କରି ଗାଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହା ସମଗ୍ର ଓଡ଼ିଆ ସମାଜ ଓ ସାଢେ ଚାରି କୋଟି ଓଡ଼ିଆଙ୍କ ହୃଦୟକୁ ଆଘାତ ଦେଇଛି। ଏଣୁ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ହିନ୍ଦୁ ଏକତା ବାହିନୀ ଦାବି କରିଛି। ସେମାନଙ୍କୁ ଗିରଫ କରି କଠୋର ଦଣ୍ଡ ବିଧାନ ଲାଗି ଦାବି କରାଯାଇଛି।


ଥାନାରେ ଅଭିଯୋଗ କରିବାକୁ ଆସିଥିବା ହିନ୍ଦୁ ଏକତା ବାହିନୀ ସଦସ୍ୟମାନେ।

# ନାଗଯୋଡ଼ି ସଂରକ୍ଷିତ ଜଙ୍ଗଲରେ ଚାରାରୋପଣ

ଡାବୁଗାଁ, ୯।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ନାଗଯୋଡି ସଂରକ୍ଷିତ ଜଙ୍ଗଲରେ ଡାବୁଗାଁ ବନ ବିଭାଗ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନାଗଯୋଡ଼ି ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବା ପ୍ରାୟ ୨୦ ହେକ୍ଟର ଖାଲି ସ୍ଥାନରେ ୧୬ ହଜାର ଚାରା ରୋପଣ କରାଯିବ। ପ୍ରଥମ ଦିନରେ ଗମ୍ଭାରୀ, କାଞ୍ଚନ, ଶିଶୁ, ହରିଡ଼ା, ବାହାଡ଼ା, ଅଁଳା, ଫାଶୀ ଆଦି ବିଭିନ୍ନ ପ୍ରକାରର ପ୍ରାୟ ୧ ହଜାର ଚାରା ଲଗାଯାଇଛି। କାର୍ଯ୍ୟକ୍ରମରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ବନରକ୍ଷୀ ତାପସ ରଞ୍ଜନ ପଟ୍ଟନାୟକ, ଉମାଶଙ୍କର ମିଶ୍ର, ଗ୍ରାମର ମହିଳା ଓ ପୁରୁଷ ଉପସ୍ଥିତ ରହି ଚାରା ଲଗାଇ ଥିଲେ।


ଗ୍ରାମବାସୀ ଚାରା ରୋପଣ କରୁଛନ୍ତି।

# ଅଭିଯୋଗ ଶୁଣିଲେ, ହିତାଧିକାରୀଙ୍କୁ ସହାୟତା ଦେଲେ

ନବରଙ୍ଗପୁର,୯।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘରରେ ବ୍ଲକସ୍ତରୀୟ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ନିଜର ବ୍ୟକ୍ତିଗତ, ସାମୁହିକ ଆପତି ଅଭିଯୋଗ ସମାଧାନ ପାଇଁ ୪୯ ଜଣ ନାମ ପଞ୍ଜୀକରଣ କରାଇଥିଲେ। ସେଥିମଧ୍ୟରୁ ୨୫ ବ୍ୟକ୍ତିଗତ ଓ ୨୪ଟି ଦଳଗତ ଅଭିଯୋଗ ରହିଛି। ରାସ୍ତା, ବ୍ରିଜ୍ ନିର୍ମାଣ, ଜଙ୍ଗଲ ଜମି ପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ରାଶନ କାର୍ଡ, ସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ, ପାଚେରୀ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଛତୁଆ ବଣ୍ଟନ, ଆବଶ୍ୟକ ବିଦ୍ୟୁତ ସଂଯୁକ୍ତ, ଜମିଜମା ରେକର୍ଡ ପତ୍ର ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ଶୁଣି ଜିଲାପାଳ ଏସବୁର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଜନଶୁଣାଣି ଶିବିରରେ ୩ ମାମଲାର ତୁରନ୍ତ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସାମାଜିକ ସୁରକ୍ଷା ସହାୟତାରେ ୧୦ ଜଣଙ୍କୁ ହ୍ୱିଲ ଚେୟାର, ୨ ଜଣଙ୍କୁ ଟ୍ରାଇ ସାଇକେଲ, ୨୦ ଜଣଙ୍କୁ ମଧୁବାବୁ ପେନସନ, ୬୮ ଜଣଙ୍କୁ ଶ୍ରବଣ ଯନ୍ତ୍ର ଜିଲାପାଳ ପ୍ରଦାନ କରିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣିରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ନାୟକ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଯଦୁମଣି ନାୟକ, ଉପଆରକ୍ଷୀ ଅଧିକ୍ଷକ ମଧୁଶିକ୍ତ ମିଶ୍ର, ବିଡିଓ ଲକ୍ଷ୍ମୀ ସାଗର ମାଝି, ତହସିଲଦାର ରିତୁ ସିଂ, ବ୍ଲକ ଅଧକ୍ଷ, ପିଏଆଇଟିଡିଏ ରାଜୀବ କୁମାର ସାହୁ, ସିଡିଏମ୍ଓ ମଳୟ କୁମାର ତ୍ରିପାଠୀ, ଡିଇଓ ଛତ୍ରପତି ସାହୁ, ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍ଓ ହଳଧର ନିହାଲ, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଳେଇ, ଜିଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ, ନିର୍ବାହୀ ଯନ୍ତ୍ରୀ, ଟିପିଏସ୍ଓଡିଏଲ୍, ଶିବେଷ ରାମ ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ୍ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲା ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ ଲୋକ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ।


ଅଧିକାରୀମାନଙ୍କ ସହ ସହାୟତା ପାଇଥିବା ହିତାଧିକାରୀ।

